# Akashvani, Sambalpur

## SAMBALPURI NEWS BULLETIN

### 19 November 2025 – 6.47- 6.52 am.

*************************************************

ପିଏମ୍ କିଷାନ୍ ସମ୍ମାନ୍‌ନିଧି          ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ତାମିଲ୍‌ନାଡୁର୍ କୋଏମ୍ବାଟୁର୍ ନ ପିଏମ୍ କିଷାନ୍ ସମ୍ମାନ୍ ନିଧି ଯୋଜ୍‌ନାର୍ ୨୧ ନମ୍ବର୍ କିସ୍ତିର୍ ସାହାଜ୍ ଟଙ୍କା ବାଂଟ୍‌ବେ । ଦେଶର୍ ୯ କୋଟିନୁ ଅଏତ୍‌କା ଚାଷୀଙ୍କର୍ ବେଙ୍କ୍ ଖାତାକେ ୧୮ ହଜାର୍ କୋଟିନୁ ଅଏତ୍‌କା ଟଙ୍କା ହସ୍ତାନ୍ତର୍ କର୍‌ବେ ବଲି କୃଷି ଆଉ କୃଷକ୍ କଲ୍ୟାଣ୍ ମନ୍ତ୍ରଣାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଯୋଜ୍‌ନାଥି ଓଡ଼ିଶାର୍ ୩୪ ଲାଖ୍ ନୁ ଅଏତ୍‌କା ଚାଷୀଙ୍କର୍ ବେଙ୍କ୍ ଖାତାକେ ୭ ଶହ କୋଟି ସାହାଜ୍ ଟଙ୍କା ଆସ୍‌ବା । ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ କୃଷି ଭବନ୍  ନ ହେବାର୍‌କେ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ସହେତେ ଅଲ୍‌ଗା ମାନେ ଭିଲ୍ ଉପସ୍ଥିତ୍ ରହେବେ ।

ସୂଚ୍‌ନା ଅନ୍‌ସାରେ ଯୋଜ୍‌ନାଥି ଚାଷୀ ପରିବାର୍‌ମାନ୍‌କୁ ବଛରକ୍ ୬ ହଜାର୍ ଟଙ୍କା ଲେଖା ଦିଆଯାଉଛେ ।

ପିଏମ୍ ଫସଲ୍ ବୀମା      ଏନ୍‌ଏସ୍‌ଡି

ଜଙ୍ଗଲି ଜନ୍ତୁ ଆଉ ପାଏନ୍ ବୁଡ଼ିଥି ହେଉଥିବା ଫସଲ୍ ନୁକ୍‌ସାନ୍‌କେ ୨୦୨୬ ଖରିଫ୍ ଋତୁ ନୁ ପ୍ରଧାନ୍‌ମନ୍ତ୍ରୀ ଫସଲ୍ ବୀମା ଯୋଜ୍‌ନାଥି ସାମିଲ୍ କରାଯିବା ବଲି କୃଷି ମନ୍ତ୍ରଣାଲୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ମନ୍ତ୍ରଣାଲୟର୍ ସୂଚ୍‌ନା ଅନ୍‌ସାରେ ଜଙ୍ଗଲି ଜନ୍ତୁଙ୍କର୍ ଲାଗି ହେଉଥିବା ଫସଲ୍ ନୁକ୍‌ସାନ୍‌କେ ଆଂଚଲିକ୍ ବିପଦ୍ ବର୍ଗଥି ସାମିଲ୍ କରାଯାଇଛେ । ସେନ୍ତା ଜଲ୍‌ବନ୍ଦୀ ଆଉ ପାଏନ୍‌ଥି ବୁଡ଼ିକରି ହଉଥିବା ଫସଲ୍ ନୁକ୍‌ସାନ୍‌କେ ବିପର୍ଯ୍ୟୟ ବର୍ଗଥି ସାମିଲ୍ କରାଯାଇଛେ । ଇ ରକ୍‌ମର୍ ଫସଲ୍ ନୁକ୍‌ସାନ୍ ଲାଗି ତାଲିକା ତିଆର୍ କରିକରି ପ୍ରଭାବିତ୍ ଇଲାକାମାନ୍‌କୁ ଚିହ୍ନଟ୍ କର୍‌ବାର୍‌କେ ମନ୍ତ୍ରଣାଲୟ ତର୍‌ଫୁ ରାଜ୍ୟମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

୪ ଟା ନୂଆଁ ତହସିଲ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଉ ୪ ଟା ନୂଆଁ ତହସିଲ୍ ଗଠନ୍ କର୍‌ବାର୍‌କେ ରାଜ୍ୟ ସର୍‌କାର୍ ନିଷ୍ପତି ନେଇଛନ୍ । ସେଥିର୍‌ଭିତ୍‌ରେ ଭୁବ୍‌ନେଶ୍ୱର୍ ନ ୨ ଟା

କଟକ୍ ଆଉ ସମ୍ବଲ୍‌ପୁର୍ ନ ଗୁଟେ ଲେଖା ଅତିରିକ୍ତ ତହସିଲ୍ ଗଠନ୍ କରାଯିବା । ଇଥିର୍‌ଲାଗି ୭ ଦିନ୍ ଭିତ୍‌ରେ ପ୍ରସ୍ତାବ୍ ଦେବାର୍‌କେ ଇ ଜିଲ୍ଲାମାନ୍‌କର୍ ଜିଲ୍ଲାପାଲ୍‌ମାନ୍‌କୁ ରାଜସ୍ୱ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ବଛର୍ ବଛର୍ ଧରି ପଡ଼ିରହିଥିବା ଜମିଜମା ବିବାଦ୍ ମାମ୍‌ଲାର୍ ସମାଧାନ୍ ଆଉ ଇ ଦିଗେ ସେବା ତୁର୍‌ତି କର୍‌ବାର୍ ଲାଗି ବିଭାଗ୍ ତର୍‌ଫୁ ନିଷ୍ପତି ନିଆଯାଇଛେ ।

ରାଜ୍ୟ ମୁକ୍ତ ବିଦ୍ୟାଳୟ-+୨ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଯୁକ୍ତ ଦୁଇ ଶ୍ରେଣୀତକ୍ ବିଦ୍ୟାର୍ଥୀମାନ୍‌କୁ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ୍ ଜରିଏ ପାଠ୍‌ପଢ଼ାର୍ ସୁଯୋଗ୍ ମିଲ୍‌ବା । ଓଡ଼ିଶା ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମ୍ ପ୍ରାଧିକରଣ୍ -ଓସେପା ତର୍‌ଫୁ ଇ ବାବ୍‌ଦେ ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ୍ ସଙ୍ଗେ ଚୁକ୍ତି ସ୍ୱାକ୍ଷରିତ୍ ହେଇଛେ । ଆଘୋନୁ ମୁକ୍ତ ବିଦ୍ୟାଳୟ ନ ୧୦ ଶ୍ରେଣୀ ଉତ୍‌ରୁ ନାଁଲେଖାବାର୍‌କେ ୨୬ ଶହ ଟଙ୍କା ଦେବାର୍‌କେ ପଡୁଥିଲା । ମାତରକ ଚୁକ୍ତି ଅନ୍‌ସାରେ ଯୁକ୍ତ ଦୁଇ ଶ୍ରେଣୀତକ୍ ଛାତ୍ରଛାତ୍ରୀଙ୍କୁ ଆଉ ଫିସ୍ ଦେବାର୍‌କେ ନାଇଁ ପଡ଼େ ।

ନିଖିଳ ଭାରତ ସମବାୟ ସପ୍ତାହ I&PR

ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ନ ଆଏଜ୍ ଦିନର୍ ୧୦ ବଜେ ୭୨ ନମ୍ବର୍ ନିଖିଳ ଭାରତ ସମବାୟ ସପ୍ତାହ ରାଜ୍ୟସ୍ତରୀୟ ଉତ୍ସବ ପାଲନ୍ କରାଯିବା । କାର୍ଯ୍ୟକ୍ରମ୍‌ଥି ସମବାୟ ଆଉ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ଏସ୍‌ଏଚ୍‌ଜି ରଣ ଫେରସ୍ତ I&PR

ଭୁବ୍‌ନେଶ୍ୱର୍ ମିଶନ୍ ଶକ୍ତି ଭବନ୍ ଠାନେ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଗଲାକାଏଲ୍ ସ୍ୱୟଂ ସହାୟକ ଗୋଷ୍ଠୀମାନ୍‌କୁ ରଣର ସୁଧ ଟଙ୍କା ଫିରାଯାଇଛେ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେଇକରି ମହିଲାମାନ୍‌କୁ ସୁଧ ଟଙ୍କା ଫିରେଇକରି ସର୍‌କାର୍ ମହିଲାମାନ୍‌କୁ ଜୀବିକା ଭିତିକ ଅର୍ଥନୈତିକ୍ ମୋଡ଼େଲ୍ ଜରିଏ ସଶକ୍ତ କର୍‌ବାର୍ ଲାଗି ସବୁବେଲେ ପ୍ରତିଶ୍ରୁତିବଦ୍ଧ ଆନ୍ ବଲି କହିଛନ୍ । ଇ ଅବ୍‌ସରେ ଶ୍ରୀମତୀ ପରିଡ଼ା ୨ ଲାଖ୍ ୨୪ ହଜାର୍ ୮ ଶହ ୮୪ ଟା ଗୋଷ୍ଠୀକେ ମୋଟ୍ ଶହେ ୧୭ କୋଟି ୧୨ ଲାଖ୍ ନୁ ଅଏତ୍‌କା ଟଙ୍କାର ସୁଧ ଫିରେଇଛନ୍ ।

ବିଦେଶୀ ପ୍ରତିନିଧି I&PR

ନୂଆଦିଲ୍ଲୀ ଲୋକସଭା ସଚିବାଳୟର୍ ଗଣତନ୍ତ୍ର ଲାଗି ସଂସଦୀୟ ଗବେଷଣା ଆଉ ତାଲିମ୍ ସଂଗଠନ୍ - ପ୍ରାଇଡ୍ ତର୍‌ଫୁ ୧୨ ଟା ଦେଶର୍ ୪୦ ଝନ୍ ପ୍ରତିନିଧି ଓଡ଼ିଶା ଗସ୍ତଥି ଆସିଛନ୍ । ଇ ପ୍ରତିନିଧି ମାନେ ଗଲାକାଏଲ୍ ବିଧାନ୍‌ସଭା ପରିଦର୍ଶନ୍ କରିଥିଲେ । ଇତାର୍ ଉତ୍‌ରୁ ଓଡ଼ିଶା ସଚିବାଳୟ ନ ଗୁଟେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ବିଧାନ୍‌ସଭାର୍ ଗୌରବମୟ ଇତିହାସ୍ ଆଉ ତାର୍ କାର୍ଯ୍ୟଧାରା ବାବ୍‌ଦେ ବୁଝିଥିଲେ । କାର୍ଯ୍ୟକ୍ରମ୍‌ଥି ବାଚସ୍ପତି ସୁରମା ପାଢ଼ୀ, ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍, ସାଂସଦ୍ ସୁଜୀତ୍ କୁମାର୍ ଆଉ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା   ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ୨୦୨୬ ଆଉ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା -୨୦୨୬ ର ଅନ୍‌ଲାଇନ୍ ପଞ୍ଜିକରଣ୍ ଆଏବା ୨୫ ତାରିଖ୍ ଶେଷ୍ ହେଉଛେ । ଆଶାୟୀ ଛାତ୍ରଛାତ୍ରୀମାନେ www.bseodisha.ac.in ଆଉ www.oav.edu.in ଥି ଯାଇକରି ପଞ୍ଜିକରଣ୍ କରିପାର୍‌ବେ ।

ବିଶ୍ୱ ଶୌଚାଳୟ ଦିବସ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଲୋକ୍‌ମାନ୍‌କର୍ ଭିତ୍‌ରେ ପରିମଳ ଆର୍ ଶୌଚାଳୟର୍ ବେଭାର୍ ଲାଗି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଏଜ୍ ବିଶ୍ୱ ଶୌଚାଳୟ ଦିବସ ପାଳନ୍ କରାଯାଉଛେ । ୨୦୧୩ ମସିହାଥି ବିଶ୍ୱ ଶୌଚାଳୟ ଦିବସ ପାଳନ୍ ଲାଗି ମିଳିତ ଜାତିସଂଘ ତରଫୁ ଆନୁଷ୍ଠାନିକ ଭାବେ ଘୋଷ୍‌ନା ହେଇଥିଲା । ସେଦିନୁ ଫିଁ’ ବଛର୍ ନଭେମ୍ବର୍ ୧୯ ତାରିଖ୍‌କେ ବିଶ୍ୱ ଶୌଚାଳୟ ଦିବସ ଭାବେ ପାଳନ୍ କରାଯାଉଛେ । ଇ ଅବ୍‌ସରେ ସାରା ଦେଶେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଉଛେ ।

ସିଓପିଡ଼ି ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ ଦୀର୍ଘସ୍ଥାୟୀ ଶ୍ୱାସ ଅବରୋଧୀ ଫୁସ୍‌ଫୁସ୍ ରୋଗ- ସିଓପିଡ଼ି ଦିବସ୍ । ବହୁତ୍ ଦିନ୍‌ତକ୍ ଖାଁସି ହେବା, ନିଶ୍ୱାସ୍ ପ୍ରଶ୍ୱାସ୍‌ଥି କଷ୍ଟ ହେବାର୍ ବାଗିର୍ କାରଣ୍ ହେଉଛେ ଇ ରୋଗ୍‌ର ଲକ୍ଷଣ୍ । ଇଥୁ ବଁଚ୍‌ବାର୍‌କେ ହେଲେ ଧୁମ୍ରପାନ୍ ଛାଡ୍‌ବାର୍ ସହେତେ ଠିକ୍ ସମିଆଥି ଖାଏବାର୍ ଆର୍ ଡାକ୍ତରୀ ପରାମର୍ଶ ନେବାର୍ ଜରୁରୀ ଆଏ । ଇଥିର୍‌ଲାଗି ରାଜ୍ୟ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତରଫୁ ଲୁକ୍‌କୁ ସଚେତନ୍ କରାଯାଉଛେ ।

ପାଣିପାଗ୍ ଆର୍ଏନ୍ୟୁ/ ସମ୍ବଲପୁର

ସାରା ରାଏଜେ ଶୀତ୍ର ପ୍ରଭାବ୍ ଗଲାକାଏଲ୍ଠାନୁ ସାମାଏନ୍ କମିଛେ । ଆଏବା ୨୪ ଘଂଟା ତକ୍ ରାଜ୍ୟର୍ ବଡ଼ଭାଗୀ ଜାଗା ନ ପାଗ୍ ଏନ୍ତା ରହେବା । ଆଏବା ୨ ଦିନ୍ ଭିତ୍ରେ ରାତିର୍ ତାପମାତ୍ରା ଆହୁରି ୨ ନୁ ୩ ଡିଗ୍ରୀତକ୍ ବଢ଼ିକରି ଶୀତ୍ ଆଉ ଟିକେ କମିପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।